ତା 24.09.2025 ରିଖ

## ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପଦକ୍ଷେପ

ଅଣତାରକା ପ୍ରଶ୍ନ ସଂଖ୍ୟା 1948 : ଶ୍ରୀ ବାବୁ ସିଂ, ମାନ୍ୟବର ବିଧାୟକ : ଉପ ମୁଖ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ପ୍ରତି ବର୍ଷ କୃଷି ବିଦ୍ୟାଳୟରୁ କୃଷି ଇଂଜିନିୟରିଂ ଛାତ୍ରଛାତ୍ରୀମାନେ ଯେଉଁ ଅନୁପାତରେ ଉତ୍ତୀର୍ଣ୍ଣ ହୁଅନ୍ତି ସେମାନଙ୍କର ଚାକିରୀ ପାଇଁ କୃଷି ବିଭାଗ କିମ୍ବା ଅନ୍ୟ କୌଣସି ବିଭାଗରେ ସେମାନଙ୍କର ନିଯୁକ୍ତି ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି କି, ଯଦି ନାହିଁ ସରକାର ନିର୍ଦ୍ଦିଷ୍ଟ ଚାକିରୀ ସୁଯୋଗ ସୃଷ୍ଟି କରିବା ପାଇଁ ଦୃଷ୍ଟି ଦେବେ କି ?

## **ଉତ୍ତର**

ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉପ ମୁଖ୍ୟ ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ

ପ୍ରତି ବର୍ଷ କୃଷି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବା କୃଷି ଇଂଜିନିୟରିଂ ଛାତ୍ରଛାତ୍ରୀମାନଙ୍କ ଅନୁପାତରେ ଯଦ୍ୟପି ଚାକିରୀ ସୃଷ୍ଟି ହୋଇନାହିଁ , ଓଡ଼ିଶା କୃଷି ଯାନ୍ତ୍ରିକ ସେବା କ୍ୟାଡରରେ, ସ୍ନାତକ କୃଷି ଇଂଜିନିୟରମାନଙ୍କୁ ସହାୟକ କୃଷି ଯନ୍ତ୍ରୀ ଭାବରେ ଖାଲିଥିବା ପଦବୀରେ ଓଡିଶା ଲୋକସେବା ଆୟୋଗ ମାଧ୍ୟମରେ ନିଯୁକ୍ତି ଦେବାପାଇଁ ପଦକ୍ଷେପ ନିଆଯାଉଅଛି ।